# NATIONAL NEWS BULLETIN (ODIA)

## 14 June - 2025

## Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିବା ସହିତ ଯଥାଶୀଘ୍ର ଶାନ୍ତି ଓ ସ୍ଥିରତା ପୁନଃ ସ୍ଥାପନ କରିବା ଉପରେ ଭାରତର ଗୁରୁତ୍ୱାରୋପ ।
- 'ଏକ ପୃଥିବୀ – ଏକ ସ୍ୱାସ୍ଥ୍ୟ' ସମ୍ପର୍କିତ ଯୋଗ ବିଶ୍ୱ ସମ୍ମିଳନୀ ଆଜି ଅନୁଷ୍ଠିତ ହେବ ନୂଆଦିଲ୍ଲୀରେ ।
- ଚଳିତ ବର୍ଷର କୈଳାଶ ମାନସରୋବର ପ୍ରଥମ ପର୍ଯ୍ୟାୟ ଯାତ୍ରାର ଶୁଭାରମ୍ଭ ହେଲା ଗତକାଲି ।
- ଭାରତ ଓ ଫ୍ରାନ୍ସ ମଧ୍ୟରେ ବିବିଧ କ୍ଷେତ୍ରରେ ଥିବା ସୁଦୃଢ଼ ସମ୍ପର୍କ ଏକ ବିଶ୍ୱାସ ତଥା ସଶକ୍ତ ରଣନୈତିକ ଭାଗିଦାରୀର ପ୍ରତିଫଳନ, କହିଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

ଏବଂ

- ଆଇ.ଏସ୍.ଏସ୍.ଏଫ୍. ବିଶ୍ୱକପ୍ ସୁଟିଂ ପ୍ରତିଯୋଗିତାର ମହିଳା ୧୦ ମିଟର ଏୟାର୍ ପିସ୍ତଲ ବର୍ଗରେ ଭାରତର ସ୍ୱର୍ଣ୍ଣ ପଦକ ହାସଲ ।

## ପିଏମ୍-ଇସ୍ରାଏଲ୍

ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଗତକାଲି ପଶ୍ଚିମ ଏସିଆର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଫୋନ୍ ଯୋଗେ ଅବଗତ କରାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ଏହି ପ୍ରସଙ୍ଗରେ ଭାରତର ଉଦ୍‌ବେଗ ସମ୍ପର୍କରେ ସେ ଶ୍ରୀ ନେତାନ୍ୟାହୁଙ୍କୁ ଅବଗତ କରାଇଛନ୍ତି । ଏଥିସହିତ ସମ୍ପୃକ୍ତ ଅଞ୍ଚଳରେ ଯଥାଶୀଘ୍ର ଶାନ୍ତି ଏବଂ ସ୍ଥିରତା ପୁନଃ ସ୍ଥାପନ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ପଦକ୍ଷେପ ନେବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ବୋଲି ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ସେହିଭଳି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କୁ ତାଙ୍କର ଇସ୍ରାଏଲ୍ ପ୍ରତିପକ୍ଷ ଗିଡିଅନ୍ ସାର୍ ମଧ୍ୟ ଫୋନ୍ ଯୋଗେ ଏହି ପ୍ରସଙ୍ଗରେ ଅବଗତ କରାଇଛନ୍ତି । ଏହାଛଡ଼ା ଡକ୍ଟର ଜୟଶଙ୍କର ଏହି ପ୍ରସଙ୍ଗରେ ସଦ୍ୟ ସ୍ଥିତି ସମ୍ପର୍କରେ ଅବଗତ ହେବା ଲାଗି ତାଙ୍କର ଇରାନ୍ ପ୍ରତିପକ୍ଷ ସଇଦ ଆବାସ ଆଗାର୍ଚିଙ୍କ ସହିତ ମଧ୍ୟ ଫୋନ୍ ଯୋଗେ ଆଲୋଚନା କରିଥିବା ଜଣାଯାଇଛି ।

## ଇରାନ୍-ଇସ୍ରାଏଲ୍ ଆଟାକ୍

ଅନ୍ୟ ପକ୍ଷରେ ଇରାନ୍ ପକ୍ଷରୁ ଇସ୍ରାଏଲ୍‌ର କେତେକ ସହର ଉପରେ ଗତକାଲି ରାତିରେ ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରାଯାଇଛି । ଅପରେସନ୍

ସିଭିୟର୍ ପନିସ୍‌ମେଣ୍ଟ ଅଧୀନରେ ଇସ୍ରାଏଲ୍ ଆକ୍ରମଣର ଜବାବ ଦିଆଯାଇଛି ବୋଲି ଇରାନ୍ କହିଛି ।

ଏଠାରେ ସୂଚନା ଦିଆଯାଇପାରେ ଦୁଇ ଦିନ ତଳେ ଇସ୍ରାଏଲ୍ ପକ୍ଷରୁ ଅପରେସନ ରାଇଜିଂ ଲାୟନ୍ ଅଧୀନରେ ଇରାନର ପରମାଣୁସ୍ଥଳୀ ଏବଂ ସାମରିକ ଅଧିକାରୀମାନଙ୍କ  ଆଡ୍ଡା ଉପରେ ଆକ୍ରମଣ କରାଯାଇଛି ।

ଏହି ଆକ୍ରମଣ ଫଳରେ ଇରାନର ଇସ୍‌ଲାମିକ୍ ରିଭୋଲୁସନାରୀ ଗାର୍ଡର ମୁଖ୍ୟ କମାଣ୍ଡର ଜେନେରାଲ୍ ହୋସେନ୍ ସଲାମିଙ୍କର ଏହି ଆକ୍ରମଣରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

## ଆୟୁଷ-ଯୋଗ

ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଆଜି ନୂଆଦିଲ୍ଲୀଠାରେ ଯୋଗ ସମ୍ପର୍କିତ ଏକ ହାଇବ୍ରିଡ୍ ବିଶ୍ୱ ସମ୍ମିଳନୀ ଅନୁଷ୍ଠିତ ହେବ । ଏହାର ବିଷୟବସ୍ତୁ ରହିଛି ‘ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ’ । ଆସନ୍ତା ୨୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଏକାଦଶ ଆନ୍ତର୍ଜାତିକ ଯୋଗଦିବସ ଅବସରରେ ଏହି ସମ୍ମିଳନୀ ଆୟୋଜନ କରାଯାଉଛି । ଏଥିରେ ବିଶ୍ୱବ୍ୟାପି ବିଭିନ୍ନ ଅଗ୍ରଣୀ ଆନ୍ତର୍ଜାତିକ ଯୋଗ ପ୍ରତିଷ୍ଠାନ ଓ ସମ୍ପ୍ରଦାୟର ଏକ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ଅଂଶଗ୍ରହଣ କରିବେ । ବାହାରିନ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍ ଏବଂ ଦକ୍ଷିଣ କୋରିଆ ସମେତ ଅନ୍ୟାନ୍ୟ ଦେଶର ଯୋଗ ବିଶେଷଜ୍ଞ ମଧ୍ୟ ଏହି ସମ୍ମିଳନୀରେ ସାମିଲ ହେବେ । ଯୋଗର ଉପକାରିତାକୁ ବିଶ୍ୱ ବ୍ୟାପି ଅଧିକ ପ୍ରଚାର ଓ ପ୍ରସାର

କରିବା ଦିଗରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିବିଧ ପଦକ୍ଷେପ ଗ୍ରହଣ କରାଯାଉଛି ।

## ପୁରୀ-ଇଣ୍ଡିଆ ଏନର୍ଜୀ

ଦେଶରେ ଆଗାମୀ କିଛି ମାସ ଲାଗି ପର୍ଯ୍ୟାପ୍ତ ପରିମାଣର ଇନ୍ଧନ ଗଚ୍ଛିତ ରହିଛି । ଗତକାଲି ଏ ସମ୍ପର୍କରେ ପେଟ୍ରୋଲିୟମ୍ ସଚିବ ଏବଂ ଭାରତୀୟ ଶକ୍ତି ରାଷ୍ଟ୍ରାୟତ ଉଦ୍ୟୋଗ ଗୁଡ଼ିକର ମୁଖ୍ୟଙ୍କ ସହିତ ଏକ ସମୀକ୍ଷା ବୈଠକ କରିବା ପରେ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦେଇଛନ୍ତି । ଗତକାଲି ଇରାନ୍ ଉପରେ ଇସ୍ରାଏଲ୍‌ର ଆକ୍ରମଣ ପରେ ଆନ୍ତର୍ଜାତିକ ସ୍ତରରେ ତୈଳ ମୂଲ୍ୟ ବୃଦ୍ଧି ଯୋଗୁଁ ତୈଳ ଯୋଗାଣର ସଦ୍ୟ ସ୍ଥିତି ଉପରେ କେନ୍ଦ୍ର ମନ୍ତ୍ରୀଙ୍କର ଏହି ସମୀକ୍ଷା ଅନେକ ଗୁରୁତ୍ୱ ବହନ କରେ । ଦେଶରେ ଶକ୍ତି କ୍ଷେତ୍ରକୁ ଅଧିକ ସୁସଂହତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଭାରତ ଏକ ଉପଲବ୍ଧତା, ସ୍ଥିରତା ଓ ସୁଲଭତା ଶକ୍ତି ନୀତିକୁ ସଫଳତାର ସହ କାର୍ଯ୍ୟକାରୀ କରିପାରିଛି ବୋଲି ଶ୍ରୀ ପୁରୀ କହିଛନ୍ତି । ଭାରତ ବାର୍ଷିକ ୧୫୦ ବିଲିୟନ୍ ଆମେରିକୀୟ ଡଲାର୍ ମୂଲ୍ୟର ତୈଳ ଆମଦାନୀ କରିଥାଏ । ସେଥିମଧ୍ୟରୁ ଦେଶର ୮୦ ପ୍ରତିଶତ ଅଶୋଧିତ ତୈଳର ଚାହିଦା ମେଣ୍ଟା ଯାଇଥାଏ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପୁରୀ ଉଲ୍ଲେଖ କରିଛନ୍ତି ।

## କୈଳାଶ ମାନସରୋବର ଯାତ୍ରା

ବୈଦେଶିକ ବ୍ୟାପାର ରାଷ୍ଟ୍ର ମନ୍ତ୍ରୀ ପବିତ୍ର ମାର୍ଘେରେଟା ଗତକାଲି ନୂଆଦିଲ୍ଲୀ ଠାରେ ଚଳିତ ବର୍ଷର କୈଳାଶ ମାନସରୋବର ପ୍ରଥମ ପର୍ଯ୍ୟାୟ ଯାତ୍ରାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ମାର୍ଘେରେଟାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ମାନସରୋବର ଯାତ୍ରା ଲାଗି ଚୟନ ହୋଇଥିବା ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି ବୋଲି ସେ କହିଛନ୍ତି । ଏହାଛଡ଼ା ସମଗ୍ର ଯାତ୍ରା ସମୟରେ ପ୍ରତିରକ୍ଷା ଓ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ଭାରତ-ତୀବ୍ବତ ସୀମା ପୋଲିସ୍, ଦିଲ୍ଲୀ, ଉତ୍ତରାଖଣ୍ଡ ଓ ସିକ୍କିମ୍‌ର ରାଜ୍ୟ ସରକାର ଏବଂ ଏନ୍.ଆଇ.ସି. ସମେତ ଅନ୍ୟାନ୍ୟ ମନ୍ତ୍ରଣାଳୟ ଓ ବିଭାଗର ଭୂମିକା ସମ୍ପର୍କରେ କେନ୍ଦ୍ର ମନ୍ତ୍ରୀ ଆଲୋକପାତ କରିଛନ୍ତି । ଏତଦ୍‌ବ୍ୟତୀତ ଶ୍ରୀ ମାର୍ଘେରେଟା ଏହି ସମଗ୍ର ଯାତ୍ରାରେ ସହଯୋଗ ଲାଗି ଚୀନ୍ କର୍ତ୍ତୃପକ୍ଷଙ୍କ ପଦକ୍ଷେପ ମଧ୍ୟ ପ୍ରଶଂସା କରିଛନ୍ତି ।

## ଜୟଶଙ୍କର-ଫ୍ରାନ୍ସ ଏଫ୍‌ଏମ୍

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଗତକାଲି ମାର୍ସେଲି ଠାରେ ତାଙ୍କର ଫ୍ରାନ୍ସ ପ୍ରତିପକ୍ଷ ଜିନ୍ ନୋଏଲ୍ ପ୍ୟାରଟ୍‌ଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି ।  ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ଦୃଢ଼ ନିନ୍ଦା କରିବା ସହିତ ଭାରତ ନିଜକୁ ରକ୍ଷା କରିବା ଦିଗରେ ନେଇଥିବା ପଦକ୍ଷେପକୁ ଫ୍ରାନ୍ସ ସମର୍ଥନ କରିଥିବାରୁ ଡକ୍ଟର ଜୟଶଙ୍କର ଏହାକୁ ପ୍ରଶଂସା କରିଛନ୍ତି । ଦୁଇ

ଦେଶ ମଧ୍ୟରେ ବାଣିଜ୍ୟ, ପ୍ରତିରକ୍ଷା, ସ୍ୱଚ୍ଛ ଶକ୍ତି, ସଂସ୍କୃତି ଏବଂ ଜନସମ୍ପର୍କ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ୱିପକ୍ଷିୟ ସହଯୋଗକୁ ଅଧିକ ସଶକ୍ତ କରିବା ଦିଗରେ ଦୁଇ ମନ୍ତ୍ରୀ ଆଲୋଚନା କରିଛନ୍ତି ବୋଲି ଡକ୍ଟର ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ଭାରତ ଓ ଫ୍ରାନ୍ସ’ ୨୦୨୬କୁ ନବସୃଜନତାର ବର୍ଷ ଭାବେ ପାଳନ କରିବାକୁ ଥିବାରୁ ବୈଷୟିକ ଜ୍ଞାନକୌଶଳ, କୃତ୍ରିମ ବୁଦ୍ଧିମତା, ସାଇବର ଓ ମହାକାଶ ଗବେଷଣା କ୍ଷେତ୍ରରେ ନୂତନ ସୁଯୋଗର ଅନ୍ୱେଷଣ କରିବା ଲାଗି ଦୁଇ ଦେଶ ସମ୍ମତ ହୋଇଛନ୍ତି । ବିବିଧ କ୍ଷେତ୍ରରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ଥିବା ସୁଦୃଢ଼ ସମ୍ପର୍କ ଏକ ବିଶ୍ୱାସ ତଥା ସଶକ୍ତ ରଣନୈତିକ ଭାଗିଦାରୀର ପ୍ରତିଫଳନ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି ।

## ଦିଲ୍ଲୀ ପୋଲିସ୍

ଦିଲ୍ଲୀ ସରକାର ଖୁବ୍ ଶୀଘ୍ର ଏକ ନୂତନ ଅବକାରୀ ନୀତି ପ୍ରଣୟନ କରିବେ ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହି ନୂତନ ନୀତି ଅନୁସାରେ ରାଜ୍ୟରେ ଉତ୍ତମମାନର ମଦ ଉପଲବ୍ଧ କରାଇବା ସହିତ ଏହାର ବିକ୍ରି ଓ ବଣ୍ଟନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ଉତ୍ତରଦାୟୀ କରାଇପାରିବ । ତେଣୁ ଏହାର ପ୍ରତ୍ୟେକଟି ଦିଗକୁ ବିସ୍ତୃତ ଭାବେ ପର୍ଯ୍ୟାଲୋଚନା କରି ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ମୁଖ୍ୟ ଶାସନ ସଚିବ ଧର୍ମେନ୍ଦ୍ର କୁମାରଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି । ତେବେ ପୂର୍ବ ସରକାରଙ୍କ ଅବକାରୀ ନୀତିକୁ ମୁଖ୍ୟମନ୍ତ୍ରୀ

ଶ୍ରୀମତୀ ଗୁପ୍ତା ଜନସ୍ୱାର୍ଥ ବିରୋଧି ତଥା ଦୁର୍ନୀତି ଗ୍ରସ୍ତ ବୋଲି ଅଭିହିତ କରିଛନ୍ତି ।

## ଆସାମ-ରି ଇଲେକ୍ସନ

ବିଜେପିର କର୍ଣ୍ଣାଡ୍ ପୁର୍କାୟାସ୍ଥା ଏବଂ ଆସାମ ଗଣପରିଷଦର ବୀରେନ୍ଦ୍ର ପ୍ରସାଦ ବୈଶ୍ୟ ଗତକାଲି ଆସାମରୁ ଅପ୍ରତିଦ୍ୱନ୍ଦ୍ୱି ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି । ବିଜେପିର ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରୁଥିବା କର୍ଣ୍ଣାଡ୍ ପୁର୍କାୟାସ୍ଥା ପ୍ରଥମଥର ଲାଗି ସାଂସଦ ଭାବେ ରାଜ୍ୟସଭାକୁ ଯାଇଛନ୍ତି । ରାଜ୍ୟସଭାରେ ଆସାମର ମୋଟ୍ ୭ଟି ଆସନ ମଧ୍ୟରୁ ବିଜେପି ୪ଟି ଅକ୍ତିଆର କରିଥିବା ବେଳେ ଏହାର ମେଣ୍ଟ ଆସାମ ଗଣପରିଷଦ ଓ ୟୁ.ପି.ପି.ଏଲ୍. ଗୋଟିଏ ଲେଖାଏଁ ଆସନ ପାଇଛନ୍ତି । ସେହିଭଳି ସ୍ୱାଧୀନ ପ୍ରାର୍ଥୀ ଗୋଟିଏ ଆସନରେ ରହିଥିବା ଜଣାଯାଇଛି ।

## ସୁଟିଂ

ଜର୍ମାନୀର ମୁନିଚ୍ ଠାରେ ଚାଲିଥିବା ଆଇ.ଏସ୍.ଏସ୍.ଏଫ୍. ବିଶ୍ୱକପ୍ର ସୁଟିଂ ପ୍ରତିଯୋଗିତାର ମହିଳା ୧୦ ମିଟର ଏୟାର୍ ପିସ୍ତଲ ବର୍ଗରେ ଭାରତର ସୁରୁଚି ସିଂହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସୁରୁଚି ଗତକାଲି ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍ରେ ଫ୍ରାନ୍ସର କ୍ୟାମିଲେ ଜେ.ଙ୍କୁ ଶୂନ୍ ଦଶମିକ୍ ୨ ପଏଣ୍ଟରେ ପରାସ୍ତ କରି ମୋଟ୍ ୨୪୧ ଦଶମିକ୍ ୯ ପଏଣ୍ଟ ହାସଲ କରିଛନ୍ତି । ଏଥି

ସହିତ ସୁରୁଚି ଆଇ.ଏସ୍.ଏସ୍.ଏଫ୍. ବିଶ୍ୱକପ୍ ପ୍ରତିଯୋଗିତାରେ ୧୦ ମିଟର ଏୟାର୍ ପିସ୍ତଲ ବର୍ଗରେ କ୍ରମାଗତ ତୃତୀୟଥର ଲାଗି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିଭଳି ଚୀନ୍‌ର ୟାଓ କ୍ୟାନ୍‌ଜୁନ୍ ୨୨୧ ଦଶମିକ୍ ୭ ପଏଣ୍ଟ ସହିତ ବ୍ରୋଞ୍ଜ ପଦକ ପାଇଛନ୍ତି ।  ବର୍ତ୍ତମାନ ସୁଦ୍ଧାଏହି ପ୍ରତିଯୋଗିତାରେ ଭାରତ ମୋଟ୍ ୩ଟି ପଦକ ପାଇ ପଦକ ତାଲିକାର ଚତୁର୍ଥ ସ୍ଥାନରେ ରହିଛି । ଚୀନ୍ ୫ଟି ପଦକ ସହିତ ତାଲିକାର ସର୍ବାଗ୍ରେ ଥିବା ସମୟରେ ନରୱେ ଦ୍ୱିତୀୟ ସ୍ଥାନରେ ରହିଛି ।

## ହକି

ଏଫ୍.ଆଇ.ଏଚ୍. ହକି ପ୍ରୋ ଲିଗ୍‌ରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ଆଜି ନିଜ ନିଜ ମ୍ୟାଚ୍ ଖେଳିବେ । ବେଲ୍‌ଜିୟମ୍‌ର ଆଣ୍ଟୱେର୍ପ୍ ଠାରେ ପୁରୁଷ ଦଳ ଆଜି ଭାରତୀୟ ସମୟ ଅପରାହ୍ଣ ୨ଟାରେ ଅଷ୍ଟ୍ରେଲିଆକୁ ଭେଟିବ । ୪ଟି ମ୍ୟାଚ୍ ହାରିବା ପରେ ଭାରତ ମୋଟ୍ ୧୨ଟି ମ୍ୟାଚ୍‌ରୁ ୧୫ ପଏଣ୍ଟ ପାଇ ବର୍ତ୍ତମାନ ପଏଣ୍ଟ ତାଲିକାର ପଞ୍ଚମ ସ୍ଥାନରେ ରହିଛି । ତେଣୁ ଆଜିର ମ୍ୟାଚ୍ ଭାରତୀୟ ଦଳ ଲାଗି ଅନେକ ଗୁରୁତ୍ୱ ବହନ କରେ ।

ସେହିଭଳି ମହିଳା ଦଳ ଆଜି ଲଣ୍ଡନ ସ୍ଥିତ ଲି-ଭାଲେ ହକି ଓ ଟେନିସ୍ ସେଣ୍ଟରଠାରେ ଭାରତୀୟ ସମୟ ଅପରହ୍ଣ ୫ଟା ୩୦ ମିନିଟ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଖେଳିବେ । ମହିଳା ଦଳ ବର୍ତ୍ତମାନ ମୋଟ୍ ୯ ପଏଣ୍ଟ ପାଇ ପଏଣ୍ଟ ତାଲିକାର ଷଷ୍ଠ ସ୍ଥାନରେ ରହିଛନ୍ତି ।

# ପାଣିପାଗ

ରାଜସ୍ଥାନରେ ଆସନ୍ତା ଦୁଇ ତିନି ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ – ଆଇ.ଏମ୍.ଡି. ସତର୍କ ସୂଚନା ଜାରି କରିଛି । ଆକାଶବାଣୀ ସମ୍ବାଦକୁ ଏ ସମ୍ପର୍କରେ ସୂଚନା ଦେଇ ଆଇ.ଏମ୍.ଡି.ର ବରିଷ୍ଠ ବୈଜ୍ଞାନିକ ଆର୍.କେ. ଜେନାମଣି କହିଛନ୍ତି, ଏଥିସହିତ ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ଜାମ୍ମୁ, ହରିଆଣା ଓ ମଧ୍ୟପ୍ରଦେଶ ଲାଗି ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି । ତେବେ ଦିଲ୍ଲୀରେ ଗ୍ରୀଷ୍ମ ପ୍ରବାହ ପ୍ରାୟ ୩ରୁ ୪ ଡିଗ୍ରୀ ହ୍ରାସ ପାଇଛି ବୋଲି ସେ କହିଛନ୍ତି ।

**V/O**